

ଜିଲାପାଳ ମନୀଷ ଅଗ୍ରୱାଲ ଗୁରୁପ୍ରିୟା ସେତୁରୁ ଜଳ କଳସ ଉଠାଉଛନ୍ତି।



ଗୁରୁପ୍ରିୟା ସେତୁ ଲୋକାରଣ୍ୟ।



## ମାଲ୍ୟବନ୍ତ ମହୋତ୍ସବ

ମାଲ୍ୟବନ୍ତ ମହୋତ୍ସବ ପାଇଁ ମାଲକାନଗିରି ଜିଲା ହୋଇଉଠିଛି ଚଳଚଞ୍ଚଳ। ଆଦିବାସୀ ରମଣୀ ନିଜକୁ ପାରମ୍ପରିକ ବେଶ ପୋଷାକରେ ସଜାଇ ସ୍ୱାଗତ କରିଛନ୍ତି ଏହି ମୁହୂର୍ତ୍ତକୁ। ଶଙ୍ଖ, ହୁଳହୁଳିରେ ମୁଖରିତ ହୋଇଉଠିଛି ସମଗ୍ର ପରିବେଶ। ବାଦ୍ୟର ତାଳେତାଳେ ନୃତ୍ୟରେ ବିଭୋର ହୋଇଛି ସଭିଙ୍କ ହୃଦୟ।

ମହିଳାମାନେ ଶୋଭାଯାତ୍ରାରେ ଜଳକଳସ ଆଣୁଛନ୍ତି।

ଶଙ୍ଖ ଫୁଙ୍କି, ହୁଳହୁଳି ପକାଇ କଳସ ଶୋଭାଯାତ୍ରାକୁ ସ୍ୱାଗତ କରୁଛନ୍ତି।

# ସ୍ୱାଭିମାନ ଅଞ୍ଚଳରୁ ଉଠିଲା ଶୁଭ କଳସ

- ହୁଳହୁଳି ହରିବୋଲରେ କମ୍ପିଲା ଅଞ୍ଚଳ
- ବଣ୍ଡା, କୋୟା ସହ ଢେମସା ନୃତ୍ୟରେ ମସଗୁଲ୍ ହେଲେ ଆଦିବାସୀ ଯୁବତୀ ଯୁବକ
- ୧୧ରୁ ୧୩ ପର୍ଯ୍ୟନ୍ତ ହେବ ଜିଲାସ୍ତରୀୟ ଉତ୍ସବ
- ମାଲ୍ୟବନ୍ତ ମଞ୍ଚରେ ପ୍ରତିଷ୍ଠା ହେବ କଳସ

ମାଲକାନଗିରି/ଚିତ୍ରକୋଣ୍ଡା, ୬।୧(ଡି.ଏନ.ଏ)

ମାଲ୍ୟବନ୍ତ ମହୋତ୍ସବ ପାଇଁ ରବିବାର ବାଜିଛି ଶୁଭଶଙ୍ଖ। ଚଳଚଞ୍ଚଳ ହୋଇଉଠିଛି ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳ। ଗୁରୁପ୍ରିୟା ସେତୁ କମାଇଛି ଦୂରତା, ଯୋଡିଛି ମନ। ଦୀର୍ଘଦିନ ଧରି ଜଳବନ୍ଦୀ ଜୀବନ ବିତାଉଥିବା ଅଞ୍ଚଳବାସୀଙ୍କ ପାଇଁ ଗୁରୁପ୍ରିୟା ସାଜିଛି ସମ୍ପର୍କର ଦୀର୍ଘତମ ସେତୁ। ମାଲ୍ୟବନ୍ତ ପାଇଁ ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ଗୁରୁପ୍ରିୟା ନଦୀରୁ ରବିବାର ପବିତ୍ର ଜଳ ସଂଗ୍ରହ ହୋଇଛି। ଗୁରୁପ୍ରିୟା ନଦୀ ତଟରେ ଥିବା ଜାନବାଇ ଘାଟରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଦ୍ୱାରା ପାରମ୍ପରିକ ପୂଜାର୍ଚ୍ଚନା ପରେ ନଦୀରୁ କଳସରେ ପବିତ୍ର ଜଳ ସଂଗ୍ରହ କରାଯାଇଥିଲା। ସେଠାରୁ ବାଦ୍ୟଯନ୍ତ୍ରର ତାଳେ ତାଳେ ହଜାର ହଜାର ଆଦିବାସୀ ମହିଳା ପୁରୁଷ ସେମାନଙ୍କ ପାରମ୍ପରିକ ବେଶ ପୋଷାକରେ ସଜ୍ଜିତ ହୋଇ ନାଚ ଗୀତ କରି ଏକ ବିରାଟ ଶୋଭାଯାତ୍ରାରେ ମାଲକାନଗିରି ଅଭିମୁଖେ ବାହାରିଥିଲେ। ଏଥିରେ ବଣ୍ଡା, କୋୟା ଓ ଢେମସା ନୃତ୍ୟ ମୁଖ୍ୟ ଆକର୍ଷଣ ପାଲଟିଥିଲା।



ଆଦିବାସୀ ମହିଳାମାନେ ବାଜାର ତାଳେ ତାଳେ ନାଚୁଛନ୍ତି।

ଚିତ୍ରକୋଣ୍ଡା, ଟନେଲ କ୍ୟାମ୍ପ, ବାଲିମେଳା ଛକ ଓ କୋରୁକୋଣ୍ଡାଠାରେ କଳସ ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆବାଳ ବୃଦ୍ଧ ବନିତା ଗୁରୁପ୍ରିୟା ସେତୁ ଉପରେ ଶୋଭାଯାତ୍ରା ବେଳେ ହୁଳହୁଳି ହରିବୋଲ ସହ ରଙ୍ଗ ବେରଙ୍ଗର ଆତସବାଜିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ। ଏହି ଅବସରରେ ଜିଲାପାଳ ଅଗ୍ରୱାଲ ମାଲ୍ୟବନ୍ତ ମହୋତ୍ସବର ଲୋଗୋ ଉନ୍ମୋଚନ କରିଥିଲେ। ଗୁରୁପ୍ରିୟଠାରୁ ୮୬ କିଲୋମିଟର ଅତିକ୍ରମ କରି ମାଲକାନଗିରିରେ ପହଞ୍ଚିବା ପରେ ଜିଲା ସଦର ମହକୁମାସ୍ଥିତ ମେଡିକାଲ ଛକଠାରୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ କଳସକୁ ପ୍ରତିଷ୍ଠା କରାଯାଇଛି। ଏହି କଳସକୁ ଆସନ୍ତା ୧୧ରେ ଶୋଭାଯାତ୍ରାରେ ନିଆଯାଇ ମାଲ୍ୟବନ୍ତ ମଞ୍ଚରେ ପ୍ରତିଷ୍ଠା କରାଯିବ। ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ଡିଏଫଓ ମିରାସେ ଦେବଦାସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଜୟ କୁମାର ମହାନ୍ତି, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ବିଡିଓ ତଥା ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ.ଗୁଣନିଧି ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର, ଚିତ୍ରକୋଣ୍ଡା ବିଡିଓ ନରିମନ ଖରସେଲ, ତହସିଲଦାର ପଦ୍ମନାଭ ଦୋରାଙ୍କ ସମେତ ବିଜୁ ଯୁବବାହିନୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ୧୧ରୁ ୧୩ ପର୍ଯ୍ୟନ୍ତ ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଳିତ ହେବ। ୧୧ରୁ ୧୫ ପର୍ଯ୍ୟନ୍ତ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ହେବ।



ପାରମ୍ପରିକ ପୋଷାକରେ ସଜ୍ଜିତ ଆଦିବାସୀ ରମଣୀମାନେ।



ଜାନବାଇ ଘାଟରେ କଳସ ପୂଜାର୍ଚ୍ଚନା ଚାଲିଛି।



ମାଲ୍ୟବନ୍ତ ପୋଷ୍ଟରକୁ ଜିଲାପାଳଙ୍କ ସହ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।



ଢେମ୍‌ସା ନୃତ୍ୟ ପରିବେଷଣ କରୁଛନ୍ତି ଆଦିବାସୀ ମହିଳାମାନେ।

## ସଂକ୍ଷେପରେ

### ବାଇକ ଧକ୍କାରେ ଜଣେ ମୃତ

**ଗୁଣପୁର,୬।୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର କଲେଜ ନିକଟରେ ରବିବାର ଏକ ବାଇକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ହାଉସିଂବୋର୍ଡ କଲୋନୀ ଅଞ୍ଚଳର ନରସିଂହ ଘଡେଇ(୫୫)। ନରସିଂହ ରାସ୍ତାରେ ଯାଉଥିବାବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ଘଟାଇବା ପରେ ବାଇକ ଚାଳକ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି।

### ସାମନ୍ତିଆପଲ୍ଲୀ ବନାଞ୍ଚଳରେ ପକ୍ଷୀ ଗଣନା

**ପାତ୍ରପୁର,୬।୧(ଡି.ଏନ୍.ଏ.):** ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧୀନରେ ଚଳିତବର୍ଷ ପକ୍ଷୀଗଣନା କାର୍ଯ୍ୟ ଶେଷ ହୋଇଛି। ବାତ୍ୟା ପ୍ରଭାବରେ ଗଛ ଓ ପକ୍ଷୀ ଆଶ୍ରୟସ୍ଥଳ ଭାଙ୍ଗି ଯାଇଥିଲେ ମଧ ଗତବର୍ଷଠାରୁ ଚଳିତବର୍ଷ ଅଧିକ ପକ୍ଷୀ ଥିବା ଜଣାପଡିଛି । ଗତ ୩ଦିନ ଧରି ବନବିଭାଗ ଅଧିକାରୀମାନେ ମହେନ୍ଦ୍ର ତନୟା ଜଳ ଭଣ୍ଡାର, ବାଘଲଟି ଜଳ ଭଣ୍ଡାର, ମୁକୁନ୍ଦ ଦେବ ସାଗର, ଡାହାଣୀ ବଟ ସାଗର, ଗୋପାଳ ସାଗର, ପଣ୍ଡା ବନ୍ଧ ଇଲାକାରେ ପକ୍ଷୀଗଣନା କରା ଯାଇଥିଲା। ଗତବର୍ଷ ୨୪୫୦ ପକ୍ଷୀ ଥିବାବେଳେ ଚଳିତ ବର୍ଷ ୨୮୧୬ ଗୋଟି ପକ୍ଷୀ ଥିବା ଜଣାପଡିଛି। ଗତବର୍ଷ ୩୫ ପ୍ରଜାତିର ପକ୍ଷୀ ଥିବାବେଳେ ଚଳିତ ବର୍ଷ ୭୫ ପ୍ରଜାତିର ପକ୍ଷୀ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶଙ୍ଖଚିଲଙ୍କ ସଂଖ୍ୟା ବୃଦ୍ଧି ଘଟିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

### ଅଭିଯୁକ୍ତ ଗିରଫ, ବାଇକ୍ ଜବତ

**ଦାରିଙ୍ଗବାଡି,୬।୧(ଡି.ଏନ.ଏ.):** ଦାରିଙ୍ଗବାଡି ଥାନା ସିମନବାଡି ଅଞ୍ଚଳରୁ ବିଭିନ୍ନ ମାମଲାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କୃପାକର ମୁଖି ଓରଫ ବାଣୁଆ ଓରଫ ଅନିଲ ବୋଲି ଆଇଆଇସି ଅଲେଖ ଗରଡିଆ କହିଛନ୍ତି। ତାଙ୍କ ନାମରେ କେବଳ ଦାରିଙ୍ଗବାଡି ଥାନାରେ ୮ ମାମଲା ରହିଛି। ପୋଲିସ ତାଙ୍କଠାରୁ ଏକ ଚୋରା ବାଇକ (ନଂ.ଓଆର୦୨ଏବି-୫୪୮୩) ଜବତ କରିଛି। କୃପାକର ବିଭିନ୍ନ ସମୟରେ ନାମ ପରିବର୍ତ୍ତନ କରି ପୋଲିସକୁ ଚକ୍‌ମା ଦେଇ ଖସିଯାଉଥିଲେ। ଜାମିନ ବିହୀନ ଗିରଫ ପରୱାନା ବଳରେ ତାଙ୍କୁ ଗିରଫ କରାଯାଇଛି। କୃପାକର ଦୀର୍ଘଦିନ ଧରି ଫେରାର ଥିଲେ। ଏବେ ଗ୍ରାମକୁ ଆସିଥିବା ଖବର ପାଇଁ ଆଇଆଇସି ଗରଡିଆ ସଦଳବଳ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ତାଙ୍କ ନାମରେ ନଂ.୨/୧୯ରେ ମାମଲା ରୁଜୁ କରି ଗିରଫ କରାଯାଇଛି।

### ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ

**ବୁଗୁଡ଼ା,୬।୧(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଘୋଳପୁର ଗ୍ରାମରେ ରବିବାର ବିଦ୍ୟୁତ ଆଘାତରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧବଳେଶ୍ୱର ଖାଡ଼ଙ୍ଗାଙ୍କ ପୁତ୍ର ଶିଶିର କାନ୍ତ (୧୫)। ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଶିଶିର ୱାଟର ହିଟର ଲଗାଉଥିବା ବେଳେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସେ ଅଚେତ ହୋଇପଡ଼ିବାରୁ ତାଙ୍କୁ ମାଣିତରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଜେଡି ନେତାଙ୍କୁ ଗିରଫ ଦାବି କଲା ଭାଜପା

**ଜୟପୁର,୬।୧(ଡି.ଏନ.ଏ):** ଜୟପୁରସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅପରାଧୀମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଶାସକ ଦଳର ଦୁଇ ନେତାଙ୍କୁ ଗିରଫ କରିବାକୁ ସମ୍ମିଳନୀରେ ଭାଜପା ଦାବି କରିଛି। ବରିଷ୍ଠ ନେତା ଅନୁପ ପାତ୍ର, ଟାଉନ୍ ସଭାପତି ଅମରଲାଲ ଆହୁଜା, ଜିଲା ଯୁବମୋର୍ଚ୍ଚା ସଭାପତି ଶୁଭେନ୍ଦୁ ବ୍ରହ୍ମା, ମହିଳାମୋର୍ଚ୍ଚା ଟାଉନ୍ ସଭାପତି ସୁରଭି ପାଣି ସମ୍ମିଳନୀରେ ଉପସ୍ଥିତି ଥିଲେ। ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ କର୍ମୀ ଓ କର୍ମକର୍ତ୍ତାଙ୍କୁ ପ୍ରୋତ୍ସାହନ ଦେଉଥିବା ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଏବଂ ଏମପି ଝିନ୍ନ ହିକ୍‌କାଙ୍କୁ ଗିରଫ କରିବାକୁ ଭାଜପା ଦାବି କରିଛି। ଗତ ଶନିବାର ଘଟିଥିବା ଗୁଳିକାଣ୍ଡ ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ଆନ୍ଧ୍ର ହାତୀପଲ ରାୟଗଡ଼ାରେ

## ବ୍ୟାପକ ଫସଲ ନଷ୍ଟ, ଗ୍ରାମବାସୀ ଭୟଭୀତ



ରାୟଗଡ଼ାରେ ହାତୀପଲ।

**ରାୟଗଡା ଅଫିସ୍, ୬।୧**

ରାୟଗଡା ଜିଲା ଭିତରକୁ ପଶି ଆସିଛନ୍ତି ଆନ୍ଧ୍ରପ୍ରଦେଶ ହାତୀପଲ । ଏକ ୭ ଜଣିଆ ହାତୀପଲ ରାୟଗଡା ବ୍ଲକ୍ କେରେଡା ପଞ୍ଚାୟତ ଅଞ୍ଚଳରେ ଘୂରି ବୁଲୁଛନ୍ତି । ଏହି ହାତୀପଲରେ ୨ଦନ୍ତା, ୨ଛୁଆ ଓ ୩ ମାଈ ହାତୀ ରହିଛନ୍ତି । ଗତ ଶନିବାର ଆନ୍ଧ୍ରପ୍ରଦେଶ ରାଜ୍ୟର ବୀରଗୋଟାମ ସଂରକ୍ଷିତ ଜଙ୍ଗଲରୁ ଚାଲି ଆସିଛନ୍ତି ଏହି ହାତୀପଲ । ଏମାନେ ନାଗାଳବୀ ନଦୀ ତଟରେ ଥିବା ଗାଁଗୁଡ଼ିକରେ ବ୍ୟାପକ ଫସଲ କ୍ଷୟକ୍ଷତି ଘଟାଇଛନ୍ତି । ଫଳରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି ।

ଶନିବାର ରାତି ପ୍ରାୟ ୭ଟା ସମୟରେ ରାୟଗଡାଠାରୁ ୨୫କି.ମି ଦୂର ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳକୁ ଆସିଥିଲେ ହାତୀପଲ । ପ୍ରଥମେ ଅଣିଜା, ଏମ୍ପଲବାଲସା ହୋଇ ନାଗାବଳୀ ନଦୀ ତଟକୁ ଆସିଥିଲେ । ପରେ ଯାଇଥିଲେ ବୋରୁହାଲୁଆ ଗ୍ରାମ ଆଡକୁ । ଭୋରରେ ବୋରୁହାଲୁଆ ଗ୍ରାମର ଆଖପାଖରେ ଥିବା ଧାନ, ଆଖୁ, କାନ୍ଦୁଲ ଓ ମାଣ୍ଡିଆ ଫସଲ ଖାଇବା ସହିତ ନଷ୍ଟ କରିଥିଲେ । ବୋରୁହାଲୁଆ ଓ ଅଣିଜା ଗ୍ରାମବାସୀ ମିଳିତ ଭାବେ ଘଉଡାଇବାକୁ ଉଦ୍ୟମ କରିଥିଲେ । ଘଉଡାଇବା ସମୟରେ ବୋରୁହାଲୁଆ ଗ୍ରାମର ଜଣେ ଯୁବକ ଆହତ ହୋଇଛନ୍ତି । ଏଭଳିକି ହାତୀପଲ ଉକ୍ତ ଅଞ୍ଚଳରେ ଥିବା ଏକ ବୁଦା ନିକଟରୁ ଘୁଞ୍ଚୁ ନ ଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି । ପୁଣି ଏହି ହାତୀପଲ ଜନବସତି ମୁହାଁ ହେବାର ସମ୍ଭାବନା ରହିଛି । ଏଥିସହ ନାଗାବଳୀ ନଦୀକୁ ପାଣି ପିଇବାକୁ ମଧ ଆସି ପାରନ୍ତି । ଖବରପାଇ ରବିବାର ସକାଳେ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀର ଗତିବିଧିକୁ ଲକ୍ଷ୍ୟ କରିଥିଲେ । ଦୀର୍ଘ ୨ଘଣ୍ଟା ଧରି ଅନୁଧ୍ୟାନ ପରେ ବାଣ ଫୁଟାଇ ଘଉଡାଇବାକୁ ଉଦ୍ୟମ କରାଯାଇଥିଲା । ତେବେ ଗ୍ରାମବାସୀଙ୍କ ଗହଳି ଓ କୋଳାହଳ ଯୋଗୁ ହାତୀପଲ ବୁଦାରୁ ଘୁଞ୍ଚି ନ ଥିଲେ । ଏହାପରେ ବନ କର୍ମଚାରୀମାନେ ଗ୍ରାମବାସୀଙ୍କୁ ସେହି ସ୍ଥାନରୁ ଖାଲି କରିଥିଲେ । ସୂର୍ଯ୍ୟାସ୍ତ ବେଳକୁ ହାତୀପଲକୁ ଘଉଡାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଅତିରିକ୍ତ ବନ ସଂରକ୍ଷକ ପ୍ରଦୀପ କୁମାର ଭତ୍ରା, ରେଞ୍ଜର ପ୍ରଭାକର ସେନାପତି, ଅନିଲ କୁମାର ରାୟ, ଫରେଷ୍ଟର ଡମ୍ବରୁଧର ନାୟକ ପ୍ରମୁଖ ଦୁଇଟି ଟିମ୍‌ରେ ବିଭକ୍ତ ହୋଇ ହାତୀ ଘଉଡାଇବାରେ ନିୟୋଜିତ ହୋଇଛନ୍ତି । ଏଥିସହ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଓ ବିଜୟନଗରମ୍ ଜିଲା ବନ ବିଭାଗ ସହ ଯୋଗାଯୋଗ କରାଯାଇ ଉକ୍ତ ହାତୀପଲକୁ ବୀରଗୋଟାମ ସଂରକ୍ଷିତ ଜଙ୍ଗଲକୁ ଘଉଡ଼ାଇବା ନିମନ୍ତେ ଉଦ୍ୟମ ଚାଲିଥିବା ଭତ୍ରା କହିଛନ୍ତି । ପ୍ରଥମ ଥର ଏଠାକୁ ହାତୀପଲ ଆସିବା ଜଣାପଡିଛି ।

# ଆଧାର କାର୍ଡ଼ ନ ଥିବାରୁ ସ୍କୁଲରେ ନାମ ଲେଖାଇ ପାରିଲେ ନାହିଁ ଛାତ୍ରୀ

**ଟିକିରି,୬।୧(ଡି.ଏନ୍.ଏ.)**



ସ୍କୁଲରେ ନାମ ଲେଖାଇବା ପାଇଁ ଆଧାରକାର୍ଡ଼ ବାଧ୍ୟତାମୂଳକ ନୁହେଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଜଣେ ଛାତ୍ରୀଙ୍କ ଆଧାରକାର୍ଡ଼ ନ ଥିବାରୁ ସ୍କୁଲରେ ନାମ ଲେଖାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଛାତ୍ରୀ ଜଣକ ନିରାଶ ହୋଇଯାଇଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୁଦୁକାବାହାଲ ପଞ୍ଚାୟତରେ । ଉକ୍ତ ପଞ୍ଚାୟତ ଡେଙ୍ଗାଗୁଡା ଗ୍ରାମର ଅବନ୍ତୀ ମାଝି ଗୋରଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ନାମ ଲେଖାଇବାକୁ ଯାଇଥିଲେ । ହେଲେ ସ୍କୁଲରେ ଦାଖଲ ହେବାକୁ ହେଲେ ଆଧାରକାର୍ଡ଼ ଜରୁରୀ । ଆଧାରକାର୍ଡ଼ ଆଣ, ପରେ ନାମ ଲେଖାଇବ ବୋଲି ସ୍କୁଲ କର୍ତ୍ତୃପକ୍ଷ କହି ତାଙ୍କୁ ଫେରାଇ ଦେଇଥିଲେ । ଫଳରେ ଛାତ୍ରୀଙ୍କ ପାଠପଢା ବନ୍ଦ ହୋଇଯାଇଛି । ଏହାକୁ ନେଇ ଅବନ୍ତୀଙ୍କ ପରିବାର ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି । ଏନେଇ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ, ଆଧାରକାର୍ଡ଼ ଦେଲେ ସ୍କୁଲରେ ଦାଖଲ ହୋଇପାରିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଅବନ୍ତୀ ଆଧାର କାର୍ଡ଼ ପାଇଁ କାଶୀପୁର, ଡଙ୍ଗାସିଲ ଆଦି ସ୍ଥାନରେ ଖୋଲାଯାଇଥିବା କେନ୍ଦ୍ରରେ ପ୍ରାୟ ୬ଥର ଫଟୋ ଉଠାଇ ସାରିଲେଣି । ବାରମ୍ବାର ଫଟୋ ଉଠାଇବା ପରେ ମଧ୍ୟ କାର୍ଡ ପାଇପାରି ନାହାନ୍ତି । ଫଳରେ ଅବନ୍ତୀଙ୍କ ପାଠପଢା ବନ୍ଦ ହୋଇଯାଇଛି ବୋଲି ତାଙ୍କ ମା' ଫୁଲମେ ମାଝି କହିଛନ୍ତି ।

■ ବଂଶଧାରା ବସନ୍ତ ମହୋତ୍ସବ ୧ରେ

# ମେଗା କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



କ୍ରୀଡ଼ା ଉତ୍ସବକୁ ଉପଜିଲାପାଳ ଉଦ୍‌ଘାଟନ କରୁଛନ୍ତି ।

**ଗୁଣପୁର,୬।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ଆସନ୍ତା ୧ ତାରିଖରୁ ୧୦ ଦିନ ଧରି ବଂଶଧାରା ବସନ୍ତ ମହୋତ୍ସବ ଅନୁଷ୍ଠିତ ହେବ । ଏଥିପୂର୍ବରୁ ମେଗା କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ମାଣିକେଶ୍ୱରୀ ମନ୍ଦିରଠାରେ ପୂଜାର୍ଚ୍ଚନା କରାଯିବା ପରେ ମଶାଲକୁ ଶୋଭାଯାତ୍ରାରେ ନିଆଯାଇଥିଲା । ମଶାଲ ଶୋଭାଯାତ୍ରା ଉତ୍ସବ ପଡିଆଠାରେ ପହଞ୍ଚିବା ପରେ ସଭା ହୋଇଥିଲା । ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ଗମାଙ୍ଗ ମୁଖ୍ୟ ଅତିଥି ଏବଂ ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲେନୁର, ଜିଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଂଶଧାରା ବସନ୍ତ ମହୋତ୍ସବ ସଭାପତି ଅକ୍ଷୟ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ମୁନା ପାଣି ସ୍ୱାଗତ ଭାଷଣ ଦେଇଥିଲେ । କ୍ରିଡା ପରିଷଦ ସଭାପତି ଦେବ ପାଢୀ, ସମ୍ପାଦକ ସପନ ଦାସଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏହି କ୍ରୀଡ଼ା ଉତ୍ସବ ୨୫ ଦିନ ଧରି ଚାଲିବ । ବିଭିନ୍ନ ସ୍କୁଲ ଏବଂ କଲେଜର କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ରହି ପରିଚଳାନାରେ ସହଯୋଗ କରିଥିଲେ ।

# କୃତ୍ରିମ ରଙ୍ଗ, ରଞ୍ଜନକୁ ନେଇ କର୍ମଶାଳା

**ଗୁଣପୁର,୬।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କଲେଜ ରାସାୟନିକ ବିଜ୍ଞାନ ବିଭାଗ ପକ୍ଷରୁ କୃତ୍ରିମ ରଙ୍ଗ ଏବଂ ରଞ୍ଜନକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଭାଗୀୟ ମୁଖ୍ୟ ଡ.ନୀଳମାଧବ ଦାସ , ପ୍ରାଣୀ ବିଜ୍ଞାନ ମୁଖ୍ୟ ରାମଚନ୍ଦ୍ର ପଣ୍ଡା ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପାଠଚକ୍ର ଅଧିକାରୀ ଶଶୀଭୂଷଣ ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ । ଶେଷବର୍ଷର ଛାତ୍ରୀ ଲୋପାମୁଦ୍ରା ପୁରୋହିତ ଧନ୍ୟବାଦ ଦେଇଥିଲେ । ସରିତା ରଣା କୃତ୍ରିମ ରଙ୍ଗ ଏବଂ ରଞ୍ଜନକୁ ନେଇ ସନ୍ଦର୍ଭ ପାଠ କରିଥିଲେ । ନିତୀଶ କୁମାର ପାଢୀ, ଶ୍ରୀରଙ୍ଗା ପାଣିଗ୍ରାହୀ, ଜ୍ୟୋତିର୍ମୟୀ ମିଶ୍ର ଏବଂ ପ୍ରିୟଦର୍ଶିନୀ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କାଳିଆ ସଚେତନତା ରଥ ଶୁଭାରମ୍ଭ




ଜିଲାପାଳ ପତାକା ଦେଖାଇ ରଥକୁ ଶୁଭାରମ୍ଭ କରୁଛନ୍ତି ।

**ରାୟଗଡା ଅଫିସ୍, ୬।୧**

ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ପ୍ରଚାର ଓ ପ୍ରସାର କରିବା ନିମନ୍ତେ ରବିବାର ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରଥ ବାହାରିଛି । ଜିଲା ପ୍ରଶାସନ ଓ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା କରାଯାଇଥିବା ଏହି ରଥକୁ ଜିଲାପାଳ ଗୁହା ପୁନମ ତାପସ କୁମାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ ରଥ ୪ ଦିନ ଧରି ଜିଲା କାଶୀପୁର, କଲ୍ୟାଣସିଂହପୁର, କୋଲନରା, ରାୟଗଡା ବ୍ଲକ୍ ଓ ରାୟଗଡା ମ୍ୟୁନିସିପାଲିଟିରେ ପରିକ୍ରମା କରିବ । ଏଥିସହ କୃଷକମାନେ କିପରି ଏହାର ଲାଭ ପାଇପାରିବେ ସେ ନେଇ ସଚେତନ କରିବ । ଏହି ଅବସରରେ ଉପଜିଲାପାଳ ପ୍ରବୀର କୁମାର ନାୟକ, ଏଡିଏମ୍ ସୁଧାକର ଶବର, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳାଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହ ପଟ୍ଟନାୟକ ଓ ଆର୍‌ଏମ୍‌ସିର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ରବି ଗମାଙ୍ଗଙ୍କୁ ସମ୍ବର୍ଦ୍ଧନା

**ଗୁଣପୁର,୬।୧(ଡି.ଏନ.ଏ)**

ପୋଲିସ ଚାକିରି ଛାଡ଼ି ରବି ଶଙ୍କର ଗମାଙ୍ଗ ଗତ ୨୩ ତାରିଖରେ ଭାଜପାରେ ଯୋଗ ଦେଇଥିଲେ । ସେ ଦଳରେ ଯୋଗଦେବା ପରେ ରବିବାର ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ଥାନୀୟ ବିକ୍ରମପୁରଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ପୁରୁଣା ବସଷ୍ଟାଣ୍ଡଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ଗୁଣପୁର କଲେଜସ୍ଥିତ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିଠାରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ନିଜର ସମର୍ଥକଙ୍କୁ ନେଇ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ କରିବାସହ ଦଳ ଯାହା କାର୍ଯ୍ୟ ଦେବ ତାହା ସେ ସୁଚାରୁରୂପେ ତୁଲାଇବେ ବୋଲି ଖବରଦାତାମାନଙ୍କୁ କହିଛନ୍ତି ।




ଭାଜପା କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ଯାଉଛନ୍ତି ।

# ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ଗୁଣପୁର,୬।୧(ଡି.ଏନ.ଏ)**

ଗତ ୨ ତାରିଖ ରାତିରେ ରାୟଗଡା ଜିଲା ଗୁଣପୁର ସହର ହନୁମାନ ମନ୍ଦିର ରାସ୍ତାରେ ବାଇକ ଦୁର୍ଘଟଣାରେ ଜେଲପେଟାସାହିର ପ୍ରଦୀପ ବାଉରି ଓ ସାଇ ନାମକ ଦୁଇ ଜଣ ଯୁବକ ଗୁରୁତର ହୋଇଥିଲେ । ଗୁରୁତର ଅବସ୍ଥାରେ ସେମାନଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା । ତେବେ ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଦୀପଙ୍କ ମୃତ୍ୟୁ ହୋଇଛି ।

# ଭାଜପାର କାର୍ଯ୍ୟକାରିଣୀ ବୈଠକ

**ରାୟଗଡ଼ା ଅଫିସ,୬।୧**

ରାୟଗଡ଼ା ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ଭେଙ୍କେଟଶ୍ୱର କଲ୍ୟାଣ ମଣ୍ଡପରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବୀନ ପିପୁଲି ସଭାପତିତ୍ୱ କରିଥିଲେ । ଆଦିବାସୀ ମୋର୍ଚ୍ଚା ଜିଲା ପ୍ରଭାରୀ କରେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହକ୍ ଲଢେଇ ପାଇଁ ଭୁବନେଶ୍ୱର ଚାଲ କାର୍ଯ୍ୟକ୍ରମରେ ରାୟଗଡ଼ାରୁ ୧୦ ହଜାର ଆଦିବାସୀ ଯୋଗ ଦେବେ ବୋଲି କହିଛନ୍ତି। ଏଥିରେ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି କାଳିରାମ ମାଝି, ପୂର୍ବତନ ବିଧାୟକ ସାରଙ୍ଗ କାଡ୍ରାକା ଓ ରାମମୂର୍ତ୍ତି ମୁଟିକା, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ମୁଟିକା ଉପସ୍ଥିତ ଥିଲେ । ବୈଠକରେ ମୀନକେତନ ହିକ୍‌କା ମାଙ୍ଗାରାଜୁ କାଡ୍ରାକା, ହଳଧର ହିମିରିକା , ରଜତ ମାଦଳା, ହଳଧର ହିମିରିକା, ଗୋରୀ ମାଣ୍ଡାଙ୍ଗି, କୃଷ୍ଣ ପଣ୍ଡା, ଏମ ରାମାରାଓ, ଚିନା କନ୍ଦାଗିରି, ମୌଲି ମାଣ୍ଡାଙ୍ଗି ଯୋଗ ଦେଇଥିଲେ । ଜିଲା ସାଧାରଣ ସମ୍ପାଦକ ବସନ୍ତ ଉଲାକା ପରିଚାଳନା କରିଥିଲେ । ବିଦ୍ୟାଧର ଶବର ଧନ୍ୟବାଦ ଦେଇଥିଲେ ।




ପ୍ରଚାର ରଥକୁ ଉପଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

# ଚାଷୀ ସଚେତନତା ପ୍ରଚାର ରଥ ଉଦ୍‌ଘାଟିତ

**ଗୁଣପୁର,୬।୧(ଡି.ଏନ.ଏ)**

ଗୁଣପୁରଠାରେ ରବିବାର କାଳିଆ ଯୋଜନା ସଂପର୍କରେ ସଚେତନ କରାଇବା ନେଇ ଏକ ପ୍ରଚାର ରଥ ରବିବାର ଶୁଭାରମ୍ଭ ହୋଇଛି । ଗୁଣପୁର ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଚାଷୀଙ୍କୁ ସଚେତନ କରିବ । ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିନୋଦ ବିହାରି ପ୍ରଧାନଙ୍କ ସମେତ ଲ୍ୟାମ୍ପ,କୃଷି ଏବଂ ସମବାୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ

**ଗୁଣପୁର,୬।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଇଲେକଟ୍ରୋନିକ୍ସ ବିଭାଗ ପକ୍ଷରୁ ଇଂଜିନିୟରିଂ ମ୍ୟାନେଜମେଣ୍ଟ , ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଶୀର୍ଷକକୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବାଙ୍ଗଲୋରସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରଫେସର ଡ.ଲଳିତ ମୋହନ ପଟ୍ଟନାୟକ ଯୋଗଦେଇ ଉଚ୍ଚ ଶିକ୍ଷା ହିଁ ବିଶ୍ୱବିଦ୍ୟାଳୟକୁ ଶୀର୍ଷକୁ ପହଞ୍ଚାଇ ପାରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଆମେରିକାସ୍ଥିତ ଆଲାସ୍କା ଫେରିବ୍ୟାଙ୍କ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ଜେବେନ ଦାସ ଯୋଗ ଦେଇ ଭାରତୀୟ ଛାତ୍ରୀଛାତ୍ରମାନଙ୍କ ଶୃଙ୍ଖଳା, ଚିନ୍ତାଧାରା ଖୁବ ଉନ୍ନତ ଥିବାରୁ ନିଜର ଜ୍ଞାନକୁ ଦେଶର ଉନ୍ନତି କ୍ଷେତ୍ରରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି କୋଲକତାସ୍ଥିତ ଇନିଷ୍ଟ୍ୟୁଟ ଅଫ ଇଂଜିନିୟରର ନିର୍ଦ୍ଦେଶକ ଡ.ଏସ.ଏମ. ଅଲି ଯୋଗଦେଇ ଛାତ୍ରୀଛାତ୍ର ନିଜେ ପଢିବାସହ ଭଲ ପ୍ରୋଜେକ୍ଟ ପ୍ରସ୍ତୁତ କରିବାକୁ କହିଥିଲେ । ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ଡ.ସତ୍ୟ ପ୍ରକାଶ ପଣ୍ଡା ଉନ୍ନତ ଏବଂ ନୂତନ ଜ୍ଞାନ କୌଶଳ ଦେଶ ତଥା ସମାଜକୁ ଆଗେଇ ନେବ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟ ଉପାଧ୍ୟକ୍ଷ ଡ.ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନେ ଗବେଷଣାକ୍ଷେତ୍ରରେ ଅଧିକ ମନ ନିବେଶ କରିବାକୁ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଡ.କେ.ସେନ୍ଥିଲ କୁମାର ସ୍ୱାଗତ ଭାଷଣ ଦେଇଥିଲେ । ସମ୍ମିଳନୀ ଆବାହକ ପ୍ରଫେସର ଶୁଭ୍ରଜିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଅସିମା ସିନ୍ଧୁମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି ସମ୍ମିଳନୀରେ ଦେଶ ଏବଂ ଦେଶ ବାହାରରୁ ଅଧ୍ୟାପକ,ପ୍ରାଧ୍ୟାପକ ଏବଂ ଗବେଷଣାରତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା, ଡିନ ପ୍ରଶାସନିକ ଡ.ଏନ.ଭି.ଜେରାଓଙ୍କ ସମେତ ଅଧ୍ୟାପିକା ଏବଂ ଅଧ୍ୟାପକମାନେ ଉପସ୍ଥିତ ଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# 'ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ବାସନ୍ଦ ଅଧିକାର ନାହିଁ'

**ନବରଙ୍ଗପୁର,୬।୧(ବି.ପ୍ର.)**

ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ପକ୍ଷରୁ ଗତ ୩୦ ତାରିଖରେ ଏକ ବୈଠକ କରି ପୂର୍ବତନ ବିଧାୟକ ସଦନ ନାୟକ, କୋଟପାଡ ବିଧାୟକ ଚନ୍ଦ୍ର ଶେଖର ମାଝୀ, ଡାବୁଗାଁ ବିଧାୟକ ଭୂଜବଳ ମାଝୀ, ପୂର୍ବତନ ଜିଲାପରିଷଦ ସଭ୍ୟ ବନମାଳି ଭତ୍ରା ପ୍ରମୂଖଙ୍କୁ ସମାଜରୁ ବାସନ୍ଦ କରାଯାଇଥିଲା। ଏହି ଘଟଣାକୁ ନେଇ ପୂର୍ବତନ ବିଧାୟକ ସଦନ ନାୟକ ହିର୍ଲି ନିକଟ ତାଙ୍କ ମାର୍କେଟ କମ୍ପ୍ଲେକ୍ସଠାରେ ରବିବାର ଆହୂତ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ ଭତରା ଜାତିର ଭାଗ୍ୟର ଡୋରୀ କୌଣସି ରାଜନୈତିକ ଉଦ୍ଦେଶ୍ୟରେ ପରିଚାଳିତ ନୁହେଁ । ଏହି ଜାତିର ପରମ୍ପରା ଓ ସଂସ୍କୃତିକୁ ଶୃଙ୍ଖଳିତ କରିବା ପାଇଁ ଅନେକ ମହାମନୀସିଙ୍କ ଅବଦାନ ରହିଛି । ଆଞ୍ଚଳିକ, ଜିଲାସ୍ତରୀୟ, ପ୍ରାଦେଶିକ ଓ କେନ୍ଦ୍ରୀୟ କମିଟି ଗୁଡିକ ରହିଛି । ଏହି କମିଟିର ସଭ୍ୟମାନେ ହେଲେ ଭାତ ନାୟକ, ପାଣିଗ୍ରୀ, ଧାଙ୍ଗଡା ମାଝୀ ଓ ମହାନାୟକମାନେ । ଡିସେମ୍ବର ୩୦ରେ ପାଲପୁର ଗାଁରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଏବଂ ବସ୍ତର (ଜଗଦଲପୁର)ରୁ ଭାତ ନାୟକ, ପାଣିଗ୍ରୀ, ଧାଙ୍ଗଡା ମାଝୀ, ମହାନାୟକ ଓ ସମାଜର କର୍ମକର୍ତ୍ତାମାନଙ୍କ ସହ ସେ ମଧ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ତାଙ୍କ ଝିଅଙ୍କ ବାହାଘର କଥା ପଚାରିଥିଲେ । ତାଙ୍କ ଝିଅ ନିଜ ପସନ୍ଦରେ ଜୀବନସାଥି ବାଛି ନେଇଛି ଓ ବୈଦିକ ରିତୀରେ ଭୁବନେଶ୍ୱର ଠାରେ ବାହାଘର ହୋଇଛି ବୋଲି କହିଥିଲି । ଏହି କଥା ଶୁଣିବା ପରେ ଆନୁଷ୍ଠାନିକ କର୍ମକର୍ତ୍ତାମାନେ ସମାଜର ନିତୀ ନିୟମ ପ୍ରକାରେ ସାମାଧାନ କରିଥିଲେ । ସମାଜର ଆଞ୍ଚଳିକ କର୍ମକର୍ତ୍ତାମାନେ ଏହି ଘଟଣାର ସମାଧାନ କରିବା ପରେ ଆଉ କାହାର ଏଥିରେ ହସ୍ତକ୍ଷେପ କରିବାର ଅଧିକାର ନାହିଁ। ଭତରା ବିକାଶ ପରିଷଦ ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ । କିଛି ପାଣ୍ଠି ଯୋଗାଡ କରି ଭତରା ସମାଜର ବିକାଶ ପାଇଁ ଚେଷ୍ଟା କରିଥାଏ। ଭତରା ବିକାଶ ପରିଷଦ କାହାରିକୁ ବାସନ୍ଦ କରିପାରିବ ନାହିଁ। ତେବେ ଏହି ପରିଷଦର ସଭ୍ୟମାନେ ରାଜନୈତିକ ଉଦ୍ଦେଶ୍ୟ ରଖି ମୋତେ ଓ ଅନ୍ୟମାନଙ୍କୁ ସମାଜରେ ବଦନାମ କରିବାକୁ ଚାହୁଁଛନ୍ତି। ତେବେ ଏହା ଗ୍ରହଣ ଯୋଗ୍ୟ ନୁହେଁ। ଏହା ଦ୍ୱାର ସମ୍ମାନ ପ୍ରତି ଆଞ୍ଚ ଆସିଛି । ବୈଠକ କରି ବାସନ୍ଦ କରିବା , ଗଣମାଧ୍ୟମକୁ ଡାକି ଜଣାଇବା ଓ ବିବୃତି ଦେବା ଭତରା ସମାଜରେ ଏଭଳି ପରମ୍ପରା ନାହିଁ। ନବରଙ୍ଗପୁରରେ ଭତରା ବିକାଶ ପରିଷଦ ପକ୍ଷରୁ ତାଙ୍କୁ ବୈଠକକୁ ଡକାଯାଇ ନାହିଁ ବୋଲି କହିଥିଲେ। କୌଣସି ସମସ୍ୟା ଓ ଘଟଣା ଘଟେ ତେବେ ଆଞ୍ଚଳିକ କମିଟି ତାହାର ବିଚାର କରି ନିଜ ଭିତରେ ସମାଧାନ କରିଥାଏ। ଯଦି ବିକାଶ ପରିଷଦ ପଦକ୍ଷେପକୁ ପ୍ରତ୍ୟାହାର ନ କରେ ତାହାହେଲେଏନେଇ ଚୈତ୍ର ମାସରେ ଅଞ୍ଚଳିକ କମିଟି ଓ ସମାଜ ସହ ଆଲୋଚନା କରିବା ପରେ ଆଇନର ଅଶ୍ରୟ ନେବି ବୋଲି ସଦନ ନାୟକ କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ଅଧକ୍ଷ ତଥା ଭତରା ସମାଜର ବରିଷ୍ଠ ସଭ୍ୟ ଚନ୍ଦ୍ର ଧ୍ୱଜ ମାଝୀ, ବନମାଳି ଭତ୍ରା, ପାଲପୁର ଗାଁର ସଂଗ୍ରାମ ଭତ୍ରା, ଦଶପୁରର ଭାତନାୟକ ଭୂଜବଳ ପୂଜାରୀ, ଜାମ୍ବଗୁଡା ଗାଁର ସିତା ଭତରା, କଂଗ୍ରା ଗାଁର ପାଣିଗ୍ରୀ ଚୈତୁ ଭତରା, ବିକ୍ରମପରୁ ଗାଁର ଧାଙ୍ଗଡାମାଝୀ ବଲଭ ଦିଶାରି, ଭାତନାୟକ ଚୟନୁ ଭତରା, ଚଟାହାଣ୍ଡି ଗାଁର ପାଣିଗ୍ରୀ ଟଙ୍କ ଭତ୍ରା, ଧାଙ୍ଗଡମାଝୀ ଗୁରୁଦାଶ ନାୟକ, ମହୁଲପଦର ଗାଁର ବୈଦ୍ଦୁ ନାୟକ, ଧନୁର୍ଯ୍ୟାୟ ନାୟକ ପ୍ରମୂଖ ଯୋଗ ଦେଇଥିଲେ।

**ଭତରା ସମାଜରୁ ୬ ଜଣଙ୍କୁ ଆଜୀବନ ବାସନ୍ଦ ଘଟଣା**



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ସଦନ ନାୟକ ଓ ଅନ୍ୟମାନେ।

# ଭାଇଚାରା ସୃଷ୍ଟି କରିବ ନିଗମାନନ୍ଦଙ୍କ ବାଣୀ



ଉପସ୍ଥିତ ନିଗମାନନ୍ଦ ଆଶ୍ରମର ସଦସ୍ୟମାନେ।

**ନବରଙ୍ଗପୁର,୬।୧(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ନିଗମାନନ୍ଦ ଆଶ୍ରମରେ ଶୀତ ଉତ୍ସବ ପାଳିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ଦାମୋଦର ବେହେରାଙ୍କ ଗୃହାସନ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଷ୍ଟ୍ରୀୟ ବନ୍ଦନା ସହ ସ୍ୱାମୀଜୀଙ୍କ ବାର୍ତ୍ତା ପାଠ କରାଯାଇଥିଲା । ୨ୟ ଅଧିବେଶନରେ ସଂଘର ସଭାପତି ନାରାୟଣ ପଣ୍ଡାଙ୍କ ଅଧକ୍ଷତା କରି ଭାଇଚାରା ଓ ବିଶ୍ୱ ଭାତୃତ୍ୱ ସୃଷ୍ଟି କରିବାରେ ନିଗମାନନ୍ଦଙ୍କ ବାଣୀ ଓ ଦର୍ଶନ ସହାୟକ ହୋଇପାରିବ ବୋଲି କହିଥିଲେ । ଆଦର୍ଶ ପରିବାର ଜୀବନ ଗଠନ ମାଧମରେ ଏକ ଉନ୍ନତ ସମାଜ ଗଠନ ହୋଇ ପାରିବ । ଆଶ୍ରମର ମୁଖ୍ୟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କୁମାର ପଣ୍ଡା ଓ ତାଙ୍କ ସହଯୋଗୀ ଦେବବ୍ରତ ସାମନ୍ତରାୟ, ଅଶୋକ କୁମାର ପାଳ ଓ ନୃସିଂହ ରାଉତ ନିଗମ ସଙ୍ଗୀତ ପରିବେଷଣ କରିଥିଲେ । ଅଜୟ କୁମାର ଦାଶ, ସେବକ ଦମୋଦର ବେହେରା, ସମ୍ପାଦକ ନରେନ୍ଦ୍ର କୁମାର ପାଳ ସମ୍ପାଦକୀୟ ପାଠ କରିବା ଥିବା ସ୍ଥଳେ ନିରଞ୍ଜନ ଦାଶ ଶୃଙ୍ଖଳା ଓ ଅଭ୍ୟର୍ଥନା ଦାୟିତ୍ୱ ନିର୍ବାହ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ହଇକିଶୋର ବେହେରା, ସଂଜୟ କୁମାର ଦାଶ, କୃଷ୍ଣ କେଉଟ, ଉଦୟନାଥ ମହାଳିକ ସହଯୋଗ କରିଥିଲେ ।ଅନ୍ୟମାନଙ୍କ ମଧରେ ଭବାନୀ ଶଙ୍କର ବହିଦାର, ଜଗଦିଶ ଚନ୍ଦ୍ର ପାତ୍ର, ଗୋପବନ୍ଧୁ ବିଷୋୟୀ, ଶାନ୍ତିଲତା ରାଉତ, ସର୍ବେଶ୍ୱର ତ୍ରିପାଠୀ ଯୋଗ ଦେଇଥିଲେ ।

# ବିଧାୟକଙ୍କ ଗାଡି ଧକ୍କାରେ ଜଣେ ଗୁରୁତର

**ରାଇଘର,୬।୧(ଡି.ଏନ.ଏ)**



ନବରଙ୍ଗପୁର ଜିଲା ଉମରକୋଟ ବିଧାୟକ ସୁବାଷ ଗଣ୍ଡଙ୍କ ସ୍କୋର୍ପିଓ ଗାଡି ସହ ରବିବାର ଏକ ବାଇକ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀ ମୋତିରାମ ଗଣ୍ଡ ଗୁରୁତର ହୋଇଛନ୍ତି। ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଦୁର୍ଘଟଣା ବେଳେ ବିଧାୟକ ଦିଲ୍ଲୀ ଗସ୍ତରେ ଥିବାରୁ ଗାଡିରେ ନ ଥିବା ଜଣାପଡିଛି । ଉମରକୋଟ ବିଧାୟକଙ୍କ ସ୍କୋର୍ପିଓ ଗାଡି (ନଂ ଓଆର-୨୪ବି-୮୦୪୦)କୁ ଡ୍ରାଇଭର ରବିବାର ରାଇଘରରୁ ଉମରକୋଟ ଅଭିମୁଖେ ଆଣୁଥିଲେ। ଏହି ସମୟରେ ବିରସାଡି ଗ୍ରାମର ମୋତିରାମ ଗଣ୍ଡ ବାଇକ (ନଂ ଓଡି-୨୪ସି-୭୨୪୬)ରେ ଆସୁଥିବା ବେଳେ ଗାଣ୍ଡା ଛକ ନିକଟରେ ସ୍କୋର୍ପିଓ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ସ୍କୋର୍ପିଓଟି ନିୟନ୍ତ୍ରଣ ହରାଇ ମୁଖ୍ୟ ରାସ୍ତାରୁ ବିଲ ମଧକୁ ପଶି ଯାଇଥିଲା। ଖବର ପାଇ ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ମୋତିରାମଙ୍କୁ ଉମରକୋଟ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସ୍କୋର୍ପିଓ ଓ ବାଇକକୁ ପୋଲିସ ଜବତ କରିଛି। ଘଟଣା ପରେ ବିଧାୟକଙ୍କ ଗାଡି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ପୂଜାପୀଠ ଭୀମାଖୁଣ୍ଟାକୁ ନେଇ ବିବାଦ

**ଡାବୁଗାଁ, ୬।୧ (ଡି.ଏନ.ଏ.)**

ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ ଗ୍ରାମର ଗ୍ରାମବାସୀଙ୍କ ପାରମ୍ପରିକ ପୂଜା ପୀଠ ଭୀମାଖୁଣ୍ଟା ଓ କାଳଭୈରବ ପୀଠ ସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହି ବିବାଦର ସମାଧାନ ପାଇଁ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଡାବୁଗାଁ କଳସୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀ ପୀଠ ସ୍ଥାନକୁ ଆସିଥିଲେ କିନ୍ତୁ ଉଭୟ ପକ୍ଷ ମଧରେ କୌଣସି ସମାଧାନର ସୂତ୍ର ବାହାରିନଥିଲା। ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ଗ୍ରାମବାସୀ ଆଇନର ଆଶ୍ରୟ ନେବେ ।ଏହି ବୈଠକରେ ସତ୍ୟରଞ୍ଜନ ପାତ୍ର, ରାଜେନ୍ଦ୍ର ବିଶୋଇ, ଗୁପ୍ତ ବିଶୋଇ, ଦିବ୍ୟ ରଞ୍ଜନ ପାତ୍ର, ଜୟନ୍ତ କୁମାର ପାତ୍ର ଓ ଦିବାନ ସିଂ, ଜି.ସାମଲ ରାଓ, ତୁଳା ବିଶୋଇ, ଦିବା ବିଶୋଇ, ଜଗନ୍ନାଥ ରେଲି, ତରଣୀ ରେଲି, ପୁସ୍ତମ ବିଶୋଇ, ପାପନ୍ନା ରେଲି, ମକର ଗୌଡ, ଜି. ସତ୍ୟା ରାଓ, ଆର. ଶଙ୍କର ରାଓ ଯୋଗ ଦେଇଥିଲେ।

# ଦିବ୍ୟଜୀବନ ସଂଘ ପକ୍ଷରୁ ଆଧାତ୍ମିକ ଶିବିର

**ତେନ୍ତୁଳିଖୁଣ୍ଟି,୬।୧(ଡି.ଏନ.ଏ)**

ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଖାତିଗୁଡା ଦିବ୍ୟଜୀବନ ଶାଖା ତରଫରୁ ଏକ ଆଧାତ୍ମିକ ଶିବର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ପରମପ୍ରିୟାନନ୍ଦ ସରସ୍ୱତୀ ଓ ସ୍ୱାମୀ ଧର୍ମ ନିଷ୍ଠାନନ୍ଦ ସରସ୍ୱତୀ ଯୋଗ ଦେଇ ପ୍ରାଣାୟମ କରାଇବା ସହ ପ୍ରବଚନ ଦେଇଥିଲେ। ସାଂସାରିକ ଜୀବନରେ ମଧ ମାନବ କିପରି ନିଜକୁ ଶୃଙ୍ଖଳିତ କରି ରଖିଲେ ଦେବତ୍ୱର ପ୍ରାପ୍ତି କରିପାରିବେ ସେ ବିଷୟରେ ସ୍ୱାମୀ ପରମପ୍ରିୟାନନ୍ଦ ସରସ୍ୱତୀ ବାଖ୍ୟା କରିଥିଲେ। କୃଷ୍ଣ ଦାସ, ଶଶିଭୂଷଣ ମିଶ୍ର, ଅଜିତ କୁମାର ମାନ୍ଧାତା, ହରିବନ୍ଧୁ ପରିଡା, ବିଜୟା କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ